
ISSN 0973-3264

# ସପ୍ତର୍ଷି



ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା - ୨୦୧୮

(ଜାନୁଆରୀ - ଜୁନ୍)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | | |
| ୧- | ଶଶୀଭୂଷଣ ରାୟଙ୍କ 'ପିତୃସ୍ମୃତି' ଓ ଭଗବାନ ମେହେରଙ୍କ 'ପିତୃପ୍ରସଙ୍ଗ' : ଏକ ତୁଳନାତ୍ମକ ଅନୁଶୀଳନ | ଡ. ମଣୀନ୍ଦ୍ର କୁମାର ମେହେର | ୧ |
| ୨- | ବଙ୍ଗଳାର ବାଉଲ ଓ ବୈଷ୍ଣବ ସହଜିଆ ଗୋଷ୍ଠୀର ପ୍ରେମମାର୍ଗରେ ମହାସୁଖ ପ୍ରାପ୍ତି | ଡ. ମାଳବିକା ରାଉତ | ୭ |
| ୩- | ରହସ୍ୟବାଦୀ ଚେତନାର କବି ବୈକୁଣ୍ଠନାଥ | ଡ. ଶୁକମୁନି ମେହେର | ୧୧ |
| ୪- | ଉତ୍ତର ଓଡ଼ିଶାର ଲୋକ ସଂସ୍କୃତିରେ ସାନ୍ତାଳୀ ଲୋକ ସଂସ୍କୃତିର ପ୍ରଭାବ | ଡ. ନାକୁ ହାଁସଦାଃ | ୧୬ |
| ୫- | ଭକ୍ତିଚେତନାର ଅମୃତ ସ୍ୱର : କବି ଗଙ୍ଗାଧରଙ୍କ କାବ୍ୟସମ୍ଭାର | ନିହାରିକା ପଣ୍ଡା | ୨୧ |
| ୬- | ଆଦିବାସୀ ବନାମ ଇଂରେଜ ସରକାର : ଓଡ଼ିଆ ଓ ବଙ୍ଗଳା ଉପନ୍ୟାସ | ଆଶୁତୋଷ ରାଉତ | ୨୫ |
| ୭- | ପଶ୍ଚାତ୍ ପଟଦୃଶ୍ୟାନ୍ତର ବର୍ଣ୍ଣନା ଶୈଳୀ ପ୍ରେକ୍ଷାପଟରେ ମାୟାଧର ନାୟକଙ୍କ 'କାରାଗାରେ' | ରିଙ୍କି ପ୍ରଧାନ | ୩୩ |
| ୮- | ଶତ୍ରୁଘ୍ନ ପାଣ୍ଡବଙ୍କ ପୁରାଣକଳ୍ପ ଓ ଇତିହାସ ଚେତନା ଭିତ୍ତିକ କବିତା : ତୁଳନାତ୍ମକ ଅଧ୍ୟୟନ | ଦିଲ୍ଲିପ କୁମାର ମଲ୍ଲିକ | ୩୭ |
| ୯- | ଓଡ଼ିଆ ପ୍ରବଚନର ସାମାଜିକ ମୂଲ୍ୟବୋଧ | ସତ୍ୟଜିତ ଦାସ | ୪୧ |
| ୧୦- | ଊର୍ଦ୍ଧ୍ୱଗ ଅନୁଭବ ଓ ତେଜୋଦୀପ୍ତ ଜୀବନବୋଧର ମାର୍ମିକ ଆଲେଖ୍ୟ : 'ବିପୁଳ ଦିଗନ୍ତ' | ଜଗନ୍ନାଥ ଦୀପ | ୪୫ |
| ୧୧- | ଓଡ଼ିଆ ଲୋକଗୀତରେ ଛନ୍ଦ ସୌନ୍ଦର୍ଯ୍ୟ | ଡକ୍ଟର ରାକେଶ କୁମାର ବିଶି | ୫୫ |
| **ଗଳ୍ପ ବିଭାଗ :-** | | | |
| ୧୨- | ନୂତନ ତୀର୍ଥକ୍ଷେତ୍ର | କବିତା ବାରିକ | ୬୪ |
| ୧୩- | ଗୋଟେ କଲମ ଓ ଭିନ୍ନ ଜଣେ ଜିଗୋଲୋର କଥା | ଡଃ ରାମେଶ୍ୱର ନାଏକ | ୬୮ |
| ୧୪- | ଅସତ୍ୟ ସହର | ରୋହିତ କୁମାର ଦାଶ | ୭୩ |
| **କବିତା ବିଭାଗ :-** | | | |
| ୧୫- | କବି ହଜିଛି | ଦିବ୍ୟ କିଶୋର ଦେବତା | ୭୯ |
| ୧୬- | ଯୁଦ୍ଧଯାତ୍ରାର ସମୟ | ସଞ୍ଜୟ କୁମାର ମିଶ୍ର | ୮୧ |
| ୧୭- | ଫୁଲ | ଦିବ୍ୟ ରଞ୍ଜନ ସାହୁ | ୮୨ |
| ୧୮- | ଅନୁପଗ୍ରହ | ଦୁର୍ଗାଶିଷ ପଟ୍ଟନାୟକ | ୮୨ |
| ୧୯- | ସମ୍ବଲପୁରୀ ଦୁର୍ଗାସ୍ତୋତ୍ର | ପ୍ରଦ୍ୟୁମ୍ନ ବିଶି | ୮୩ |

# ଉତ୍ତର ଓଡ଼ିଶାର ଲୋକ ସଂସ୍କୃତିରେ ସାନ୍ତାଳୀ ଲୋକ ସଂସ୍କୃତିର ପ୍ରଭାବ

ଡ. ନାକୁ ହାଁସଦାଃ

ଲୋକସଂସ୍କୃତି କହିଲେ ଲୋକସମୂହ ମଧ୍ୟରେ ପ୍ରଚଳିତ ଚାଲିଚଳନ, ରୀତିନୀତି, ଧର୍ମବିଶ୍ୱାସ, ଖାଦ୍ୟପେୟ, ବିବାହ, ବ୍ରତ ଆଦିକୁ ବୁଝାଇଥାଏ । ସିଧାସଳଖ ଭାବେ କହିଲେ ଲୋକ ସମାଜର ମାର୍ଜିତ ରୁଚିକୁ ହିଁ ତାହାର ସଂସ୍କୃତି ବୋଲି କୁହାଯାଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ଲୋକସଂସ୍କୃତି ହେଉଛି ଓଡ଼ିଶାର ଲୋକରୁଚି । ପୁନଶ୍ଚ ଓଡ଼ିଶା ପରି ଏକ ବିଶାଳ ପ୍ରାନ୍ତରେ ଏହି ଲୋକରୁଚି ଅଂଚଳ ଭେଦରେ କିଛିଟା ପାର୍ଥକ୍ୟ ଆସିବା ସ୍ୱାଭାବିକ । ତେଣୁ ଅଂଚଳ ଭେଦରେ ଲୋକସଂସ୍କୃତି କ୍ଷେତ୍ରରେ ମଧ୍ୟ ଭିନ୍ନତା ରହିଛି । ଅବଶ୍ୟ ଏହା ଓଡ଼ିଶାର ଲୋକସଂସ୍କୃତିର ଏକ ଅଂଶବିଶେଷ ମାତ୍ର । ଏହି ହେତୁ ଓଡ଼ିଶାର ଉତ୍ତରାଂଚଳରେ ଏକ ସ୍ୱତନ୍ତ୍ର ଧରଣର ଲୋକସଂସ୍କୃତି ରହିଛି । ଯାହାକୁ "ଉତ୍ତର ଓଡ଼ିଶାର ଲୋକସଂସ୍କୃତି" ନାମରେ ଅଭିହିତ କରାଯାଇପାରେ । ଉତ୍ତର ଓଡ଼ିଶା କହିଲେ ମୁଖ୍ୟତଃ ଦୁଇ ଉପାନ୍ତ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର ତଥା ବାଲେଶ୍ୱର ଜିଲ୍ଲାର କିଛି ଅଂଶକୁ ବୁଝାଇଥାଏ । ଏହି ଅଂଚଳରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରିଥାନ୍ତି । ଏହି ଆଦିବାସୀମାନଙ୍କ ମଧ୍ୟରେ ସିଂହଭାଗ ଲୋକ ହେଉଛନ୍ତି, ସାନ୍ତାଳ ଆଦିବାସୀ । ତେଣୁ ଉତ୍ତର ଓଡ଼ିଶାର ଲୋକସଂସ୍କୃତିରେ ଏହି ସମ୍ପ୍ରଦାୟର ବହୁ ଗଭୀର ପ୍ରଭାବ ପଡ଼ିଥିବାର ଅନୁଭବ କରିହୁଏ । ସର୍ବୋପରି ଏହି ହେତୁ ହିଁ ଏହା ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଆସିଅଛି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ସାନ୍ତାଳ ଆଦିବାସୀଙ୍କ ବ୍ୟତୀତ ଏହି ଅଂଚଳରେ ଭୂୟାଁ, ବାଥୁଡ଼ି, କୋହ୍ଲ, ବୀରହଳ, ମୁଣ୍ଡା, ଭୂମିଜ, ମାହାଲୀ ଆଦି ସମ୍ପ୍ରଦାୟର ଆଦିବାସୀମାନେ ମଧ୍ୟ ବସବାସ କରନ୍ତି, କିନ୍ତୁ ସେମାନଙ୍କ ସଂସ୍କୃତି ଅନେକାଂଶରେ ଓଡ଼ିଆମାନଙ୍କ ପରି । ଏସବୁ ସତ୍ତ୍ୱେ ମଧ୍ୟ ଉତ୍ତର ଓଡ଼ିଶାର ଲୋକସଂସ୍କୃତିରେ ସେମାନଙ୍କ ପ୍ରଭାବକୁ ଅସ୍ୱୀକାର କରାଯାଇନପାରେ । ଅର୍ଥାତ୍ ଉତ୍ତର ଓଡ଼ିଶାର ଲୋକସଂସ୍କୃତି ହେଉଛି ଏକ ମିଶ୍ରିତ ଲୋକସଂସ୍କୃତି ଏଥିରେ ଉଭୟ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ପ୍ରଭାବ ଅନୁଭବ କରିହୁଏ । ବିଶେଷତଃ ସାନ୍ତାଳୀ ସଂସ୍କୃତିର ଯଥେଷ୍ଟ ପ୍ରଭାବ ଏଥିରେ ଅନୁଭବ କରାଯାଇପାରେ । ଏହାକୁ ନିମ୍ନ ପ୍ରକାରେ ଆଲୋଚନା କରାଯାଇପାରେ ।

## ୧) ଧର୍ମବିଶ୍ୱାସ -

ଧର୍ମ ଶବ୍ଦର ଅର୍ଥ ଅତି ବ୍ୟାପକ । କେତେକ କ୍ଷେତ୍ରରେ ଏହାକୁ ପ୍ରବୃତ୍ତି ବା ପ୍ରକୃତି ଅର୍ଥରେ ନିଆଯାଇଥାଏ । ଯେପରି ଜଳର ଧର୍ମ ହେଉଛି ନିମ୍ନଗାମୀ ହେବା, ପବନର ଧର୍ମ ହେଉଛି ପ୍ରବହମାନ ହେବା ଇତ୍ୟାଦି । ଏଠାରେ ଯେଉଁ ଧର୍ମକଥା କୁହାଯାଉଅଛି । ତାହା ଈଶ୍ୱର ବିଶ୍ୱାସର କଥା ହିଁ କୁହାଯାଉଅଛି । ଧର୍ମବିଶ୍ୱାସ ସହିତ ଏହି ମନୁଷ୍ୟ ସମାଜ କେଉଁ ଆବହମାନ କାଳରୁ ସଂଶ୍ଳିଷ୍ଟ ହୋଇ ଆସିଅଛି । ଏହି ଧର୍ମ ହିଁ ଗୋଟିଏ ସମ୍ପ୍ରଦାୟ ବା ଗୋଷ୍ଠୀର ମନୁଷ୍ୟଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଥାଏ । ଧର୍ମବିଶ୍ୱାସ କ୍ଷେତ୍ରରେ ହିନ୍ଦୁ ଧର୍ମରେ ଆଦିବାସୀ ତଥା ଅନାର୍ଯ୍ୟମାନଙ୍କ ଧର୍ମର ପ୍ରଭାବ ଯଥେଷ୍ଟ ଅନୁଭୂତ ହୋଇଥାଏ । ପୁନଶ୍ଚ ଓଡ଼ିଶାର ଜଗନ୍ନାଥ ଧର୍ମରେ ଏମାନଙ୍କ ପ୍ରାଧାନ୍ୟତାକୁ ସର୍ବତ୍ର ସ୍ୱୀକାର କରାଯାଇ ଆସିଅଛି । କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ଉତ୍ତର ଓଡ଼ିଶାର ଧର୍ମବିଶ୍ୱାସକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇପାରେ ।

ଉତ୍ତର ଓଡ଼ିଶାରେ ପାଳନ କରାଯାଇଥିବା ବିଭିନ୍ନ ପୂଜାନୁଷ୍ଠାନମାନଙ୍କ ମଧ୍ୟରେ ଜାନ୍ତାଳ ପୂଜା ଏକ ମୁଖ୍ୟସ୍ଥାନ ଗ୍ରହଣ କରିଥାଏ । ଏହି ପୂଜା ଯେଉଁ ସ୍ଥାନରେ କରାଯାଇଥାଏ ତାହାକୁ 'ଜାନ୍ତାଳ ଜାହେର୍' ବୋଲି କୁହାଯାଇଥାଏ । ଏଠାରେ ଜାହେର୍ ଆୟ (ଠାକୁରାଣୀ)ଙ୍କ ସମେତ ଆଖପାଖର ସମସ୍ତ ପାହାଡ଼ର ଦେବାଦେବୀ ଗଣଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଏହି ଜାନ୍ତାଳ ପୂଜାର ପୂଜକ ବ୍ରାହ୍ମଣ ନୁହନ୍ତି ସେ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର ନାୟକେ (ଗ୍ରାମ ପୁରୋହିତ) । ଏହି

ଜାନ୍ତାଳ ପ୍ରତ୍ୟେକ ପିଢ଼ିରେ କରାଯିବାରେ ପରମ୍ପରା କେଉଁ ଅନାଦିକାଳରୁ ରହିଆସିଛି । ଏହି ପୂଜା ମୁଖ୍ୟତଃ ବ୍ୟାଘ୍ରଙ୍କ ପରି ହିଂସ୍ରଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରିବା ସକାଶେ କରାଯାଇଥାଏ । ଏହା ସହିତ ଭଲ ଫସଲ ହେବା ଏବଂ ରୋଗ ବୈରାଗ୍ୟରୁ ରକ୍ଷା ପାଇବା ପାଇଁ ମଧ ଠାକୁରାଣୀଙ୍କଠାରେ ପ୍ରାର୍ଥନା କରାଯାଇଥାଏ । ଏହି ପୂଜାରେ ଉଭୟ ଆର୍ଯ୍ୟ ଓ ଅନାର୍ଯ୍ୟ ଗୋଷ୍ଠୀର ଲୋକମାନେ ଅଂଶଗ୍ରହଣ କରିଥାନ୍ତି । ପୂଜାରେ ମହିଷ, ଛାଗ, ମେଣ୍ଢା, କୁକୁଡ଼ା, ବତକ ଆଦିଙ୍କୁ ବଳି ସ୍ୱରୂପ ପ୍ରଦାନ କରାଯାଇଥାଏ ।

ବିଭିନ୍ନ ସ୍ଥାନମାନଙ୍କରେ ଅନୁଷ୍ଠିତ ହେଉଥିବା ଜାନ୍ତାଳମାନଙ୍କ ମଧ୍ୟରୁ ମୟୂରଭଞ୍ଜର ବାମନଘାଟୀ ସବ୍-ଡିଭିଜନ୍ ଅନ୍ତର୍ଗତ ଜାମୁଦା ନିକଟସ୍ଥ ପାକଣା ଜାନ୍ତାଳ ଏକ ପ୍ରସିଦ୍ଧ ଜାନ୍ତାଳ । ଏଠାକୁ ବହୁ ଦୂରଦୂରାନ୍ତରରୁ ଆସିଥିବା ଆଦିବାସୀ, ଅଣଆଦିବାସୀ ତଥା ଆର୍ଯ୍ୟ ଓ ଅନାର୍ଯ୍ୟ ସମ୍ପ୍ରଦାୟର ଲୋକମାନଙ୍କର ସମାଗମ ହୋଇଥାଏ । ସେହିପରି ବହଳଦା ବ୍ଲକ୍ ଅନ୍ତର୍ଗତ ଯୋସୀପୁରଠାରେ ଜାନ୍ତାଳ ପୂଜାରେ ମଧ ବହୁଲୋକ ଅଂଶଗ୍ରହଣ କରୁଥିବା ଆଲୋଚକ ନିଜେ ପ୍ରତ୍ୟକ୍ଷ ଭାବେ ଦେଖିଛନ୍ତି । କେବଳ ଜାନ୍ତାଳ ପୂଜା ନୁହେଁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର ବହୁ ଦେବାଦେବୀ ଅଛନ୍ତି ଯେଉଁମାନଙ୍କୁ ପ୍ରଥମତଃ ଆଦିବାସୀମାନେ ପୂଜାର୍ଚ୍ଚନା କରିଆସୁଥିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଯ୍ୟ ସମ୍ପ୍ରଦାୟର ଲୋକମାନେ ମଧ ପୂଜା କରିବାକୁ ଲାଗିଲେ ।

## ୨) ବହଳଦା କିଚକେଶ୍ୱରୀ ଠାକୁରାଣୀ -

ଏହି ଠାକୁରାଣୀ ମୟୂରଭଞ୍ଜର ମହାରାଜାଙ୍କ ଦ୍ୱାରା ପୂଜିତ ହେଉଥିବା ପ୍ରତ୍ୟକ୍ଷ ଠାକୁରାଣୀ । ଠାକୁରାଣୀଙ୍କ ଖିଚିଂ ପୀଠ ଏକ ପ୍ରସିଦ୍ଧ ଶାକ୍ତପୀଠ । ସେହିପରି ବହଳଦା କିଚକେଶ୍ୱରୀ ମନ୍ଦିର ମଧ ଅନ୍ୟ ଏକ ଶାକ୍ତପୀଠ । ଏହି ପୀଠ ସଂସ୍ଥାପନ ସମ୍ବନ୍ଧରେ ଏକ କିମ୍ବଦନ୍ତୀ ରହିଛି । କିମ୍ବଦନ୍ତୀଟି ଏହିପରି - ବହଳଦା ଗ୍ରାମର ବାସ୍ତା ମୁର୍ମୁ ମାଛ ଧରିବାକୁ ସକାଶେ ଖଡ଼ଖାଇ ନଦୀରେ ଜାଲ ପକାଉଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ତାଙ୍କ ଜାଲରେ ଏକ ବିଗ୍ରହ ଲାଗିଲା, ତାହାକୁ ଦେଖି ସେ ବିରକ୍ତ ହେଲେ, ତାକୁ ନଦୀଗର୍ଭକୁ ଫିଙ୍ଗି ଦେଇଛନ୍ତି । ପୁଣି ଆହୁରି ଜାଲ ଫିଙ୍ଗିବା ପରେ ସେହି ପଥର ଜାଲରେ ଲାଗିଛି । ଏହିପରି ବାରମ୍ବାର ଲାଗିବା ପରେ ତାହାକୁ ମାଛ ରଖିବା ମୁଣାରେ ଭର୍ତ୍ତି କରି ଘରକୁ ନେଇ ଆସିଲେ । ସେହି ଦିନ ରାତିରେ ତାଙ୍କୁ ସ୍ୱପ୍ନାଦେଶ ହୋଇଛି ସେ ହେଉଛନ୍ତି କିଚକେଶ୍ୱରୀ ଠାକୁରାଣୀ ସେ ତାଙ୍କ ହସ୍ତରେ ପୂଜାର୍ଚ୍ଚନା ପାଇବା ସକାଶେ ତାଙ୍କ ଘରକୁ ବିଜେ କରିଛନ୍ତି । ତେଣୁ ପରବର୍ତ୍ତୀ ପର୍ଯ୍ୟାୟରେ ବାସ୍ତା ମୁର୍ମୁ ନିଜ ଘରେ ଠାକୁରାଣୀଙ୍କୁ ପୂଜା କରିବାକୁ ଲାଗିଲେ । ପରେ ଧିରେ ଧିରେ ଏହି କଥା ଚାରିଆଡ଼କୁ ପ୍ରଚାରିତ ହେବାପରେ ମୟୂରଭଞ୍ଜ ମହାରାଜା ବର୍ତ୍ତମାନର ବହଳଦା କିଚକିଶ୍ୱରୀ ମନ୍ଦିରକୁ ନିର୍ମାଣ କରିଥିବା ଜଣାଯାଇଥାଏ । ଅବଶ୍ୟ ପରେ ମହାରାଜା ମନ୍ଦିରର ପୂଜାନୀତି ସମ୍ପାଦନ କରିବା ସକାଶେ ବ୍ରାହ୍ମଣମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଏ ପର୍ଯ୍ୟନ୍ତ ମଧ ବାସ୍ତାଙ୍କ ବଂଶଧରମାନେ ଠାକୁରାଣୀ ମନ୍ଦିର ସନ୍ନିକଟରେ ରହି ନିର୍ଦ୍ଦିଷ୍ଟ ତିଥିମାନଙ୍କରେ ଠାକୁରାଣୀଙ୍କୁ ପୂଜା କରିଥାନ୍ତି ।

## ୩) ଉଢ଼ାପର୍ବ -

ମୟୂରଭଞ୍ଜର ଉଢ଼ାପର୍ବ ବାସ୍ତବରେ ଉତ୍ତର ଓଡ଼ିଶାର ଧର୍ମବିଶ୍ୱାସ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟତା ପ୍ରତିପାଦନ କରିବା ସକାଶେ ମୁଖ୍ୟ ଭୂମିକା ନିର୍ବାହ କରିଆସିଛି । ଏହା ପଣା ସଂକ୍ରାନ୍ତି ଅବସରରେ ରାଇରଙ୍ଗପୁରର ଗଡ଼ ଏବଂ ଡିରିଂଠାରେ ଅନୁଷ୍ଠିତ ହୋଇଥାଏ । ଏଥିରେ ଯେଉଁମାନେ ଅଂଶଗ୍ରହଣ କରନ୍ତି ସେମାନଙ୍କୁ (ଭକ୍ତା) ବୋଲି କୁହାଯାଏ । ସେମାନେ ନିର୍ଜଳା ଉପବାସ କରି ଶିବଙ୍କ ଆଶୀର୍ବାଦ ଲାଭ କରିବା ସକାଶେ ଏହି ଧରଣର କଠୋର ବ୍ରତ ଅବଲମ୍ବନ କରିଥାନ୍ତି । ଅର୍ଥାତ୍ ଏହି ଭକ୍ତମାନଙ୍କ ପିଠିରେ ବନଶୀ ଆକୃତିର ଲୌହ ଦଣ୍ଡକୁ ଫୋଡ଼ା ଯାଇଥାଏ ଏବଂ ଏକ ଗାମୁଛାରେ ପଶ୍ଚାଦ୍ ଭାଗରୁ ବାନ୍ଧି ଏକ ଶ୍ରେଣୀକୃତିର କାଠରେ ଝୁଲାଇ ଦିଆଯାଏ । ଯାହା ଅନ୍ୟ ଏକ କୋଡ଼ିଏ ପଚିଶ ହାତର ଖମ୍ବ ଉପରେ ସ୍ଥାପନ କରାଯାଇଥାଏ । ପରେ ଘଣା ବୁଲିବା ପରି ଅନ୍ୟ ପଟରୁ ଦଉଡ଼ିରେ ଟାଣି ବୁଲାଯାଇଥାଏ । ସେତେବେଳେ ଭକ୍ତ ଜଣକ ଦୁଇହାତ ହଲାଇ ହସି ହସି ଉଡ଼ିବାର ଭଙ୍ଗୀ କରିଥାନ୍ତି । ଏହି ଭକ୍ତମାନଙ୍କ ମଧ୍ୟରୁ ଅନେକ ଅନାର୍ଯ୍ୟ ଓ ଆର୍ଯ୍ୟ ଅଂଶଗ୍ରହଣ କରୁଥିବା ଜଣାଯାଇଥାଏ । ଅର୍ଥାତ୍

ଉତ୍ସବପର୍ବ ହେଉଛି ଉଭୟ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କ ସମନ୍ୱୟର ଏକ ମାଧ୍ୟମ । ବାସ୍ତବରେ ଏହା ହେଉଛି ଉତ୍ତର ଓଡ଼ିଶାର ଲୋକଧର୍ମ କହିଲେ ତିଳେମାତ୍ର ଅତ୍ୟୁକ୍ତି ହେବ ନାହିଁ ।

## ପର୍ବପର୍ବାଣି -

ମନୁଷ୍ୟ ତା'ର ଦୈନନ୍ଦିନର କର୍ମମୟ ଜୀବନରୁ ସାମୟିକ ଭାବେ ଅବ୍ୟାହତି ତଥା ବିଶ୍ରାମ ନେବା ସକାଶେ ପର୍ବପର୍ବାଣିଗୁଡ଼ିକର ସୃଷ୍ଟି ବୋଲି କୁହାଯାଇଥାଏ । ଏହି ପର୍ବପର୍ବାଣିଗୁଡ଼ିକ ପୁନଶ୍ଚ ସମ୍ପ୍ରଦାୟ ତଥା ଅଂଚଳ ଭେଦରେ ଭିନ୍ନ ଭିନ୍ନ ପ୍ରକାର ପାଳନ କରାଯାଇଥାଏ । ଏହି କ୍ଷେତ୍ରରେ ମଧ୍ୟ ଉତ୍ତର ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିଆସିଛି । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଉତ୍ତର ଓଡ଼ିଶାରେ ମକର ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ପଣା ସଂକ୍ରାନ୍ତିକୁ ସଂକ୍ରାନ୍ତି ଭାବରେ ନୁହେଁ ତାହାକୁ ଏକ ଏକ ପର୍ବ ଭାବରେ ହିଁ ସାମୂହିକ ଭାବେ ପାଳନ କରାଯାଇଥାଏ । ଏହାର କାରଣ ଅନ୍ୱେଷଣ କରି ବସିଲେ ଜଣାଯାଇଥାଏ, ଯେ ଏହି ଅଂଚଳର ଜନସାଧାରଣଙ୍କ ମଧ୍ୟରୁ ସିଂହଭାଗ ଲୋକ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର । ପୁନଶ୍ଚ ଏହି ଆଦିବାସୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଅଣହିନ୍ଦୁ ଆଦିବାସୀ । ଯେପରିକି ସାନ୍ତାଳ ପରି ଏକ ପ୍ରମୁଖ ସମ୍ପ୍ରଦାୟକୁ ଏହାର ଉଦାହରଣ ସ୍ୱରୂପ ନିଆଯାଇପାରେ । ଏହି ମାନଙ୍କ ପରମ୍ପରାରେ ସଂକ୍ରାନ୍ତୀ ପାଳନର ବିଧି ନାହିଁ । ତେଣୁ ସେମାନେ ପୂର୍ବୋକ୍ତ ସଂକ୍ରାନ୍ତିକୁ ଏକ ପର୍ବ ଭାବେ ହିଁ ପାଳନ କରିଥାନ୍ତି । ତେଣୁ ଏହି ଦିନ ପ୍ରତ୍ୟେକଙ୍କ ଘରେ ପିଠାପଣା, ମୁଢ଼ି, ଚୂଡ଼ା, ଗୁଡ଼, ମାଂସଭାତ ଓ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ । ଏମାନଙ୍କ ସଂସ୍ପର୍ଶରେ ଆସି ଏହି ଅଂଚଳର ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହାକୁ ଏକ ଏକ ପର୍ବ ଭାବେ ହିଁ ପାଳନ କରିଥାନ୍ତି । ତେଣୁ ଏହି ସଂକ୍ରାନ୍ତିଗୁଡ଼ିକ ଉତ୍ତର ଓଡ଼ିଶାରେ ଏକ ଏକ ପର୍ବରେ ରୂପାନ୍ତରିତ ହୋଇଅଛନ୍ତି । ଯେପରିକି ମକର ସଂକ୍ରାନ୍ତି - ମକର ପର୍ବ, ରଜ ସଂକ୍ରାନ୍ତି - ରଜ ପର୍ବ, ପଣା ସଂକ୍ରାନ୍ତି - ଛାତୁଙ୍କଣ୍ଡା ପର୍ବ । ଏତଦ୍ ବ୍ୟତୀତ ଏହି ଅଂଚଳରେ ରକ୍ଷାବନ୍ଧନ - ଗହ୍ମାପର୍ବ ଏବଂ କାଳିପୂଜା ଅବସରରେ ବନ୍ଦଣା ପର୍ବ ବା ସହରାୟ ପର୍ବ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଇ ଆସୁଅଛି । ତେଣୁ ଆଲୋଚ୍ୟ ସଂକ୍ରାନ୍ତି ସମୂହ ଉତ୍ତର ଓଡ଼ିଶାର ଏକ ଏକ ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପର୍ବଗୁଡ଼ିକ ହିଁ ଉତ୍ତର ଓଡ଼ିଶାର ଜନସାଧାରଣଙ୍କଠାରେ ଏକ ଏକ ମହାନ ପର୍ବ ରୂପରେ ଆବିର୍ଭାବ ହୋଇଅଛି । ଏହି ପର୍ବଗୁଡ଼ିକ ବାସ୍ତବରେ ଉତ୍ତର ଓଡ଼ିଶାର ଜନସାଧାରଣଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ସକାଶେ ସୂତ୍ର ପରି କାର୍ଯ୍ୟ କରୁଅଛି ।

## ଗୀତ ଓ ନୃତ୍ୟ -

ଗୀତ ଓ ନୃତ୍ୟ ହେଉଛି ସଂସ୍କୃତିର ଏକ ମୁଖ୍ୟ ଅଙ୍ଗ । ତେଣୁ ଉତ୍ତର ଓଡ଼ିଶା ପରି ଏକ ସାଂସ୍କୃତିକ ସମୃଦ୍ଧିଶାଳୀ ଅଂଚଳରେ ନୃତ୍ୟ ଓ ଗୀତର ପ୍ରାଧାନ୍ୟତା ରହିବା ସ୍ୱାଭାବିକ । ଏହି ଅଂଚଳ ସମଗ୍ର ପୃଥିବୀରେ ଛଉନୃତ୍ୟ ସକାଶେ ବିଶେଷ ଭାବେ ପରିଚିତ ଛଉ ନୃତ୍ୟରେ ଯେଉଁମାନେ କଳାକାର ଭାବେ ଅଂଶଗ୍ରହଣ କରନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର । କେବଳ ସେତିକି ନୁହେଁ ଏହି ନୃତ୍ୟରେ ଯେଉଁମାନଙ୍କ କଥା ଝଲସି ଉଠେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସେହି ଆଦିବାସୀ । ସେଥିପାଇଁ ହିଁ ଛଉନୃତ୍ୟରେ ଶିକାର ଓ ଶିକାରୀର ଦୃଶ୍ୟ, କୃଷକର କୃଷିକ୍ଷେତ୍ରରେ କାର୍ଯ୍ୟ କରିବାର ଦୃଶ୍ୟ, ହାଣ୍ଡିଆ ପ୍ରସ୍ତୁତ କରୁଥିବାର ଦୃଶ୍ୟ ଆଦି ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥାଏ । ଯାହା ସେଠାକାର ମୂଳ ଆଦିବାସୀମାନଙ୍କ ଜୀବନଶୈଳୀ ତଥା ଉତ୍ତର ଓଡ଼ିଶାର ଲୋକସାଧାରଣଙ୍କ ଜୀବନଶୈଳୀକୁ ପ୍ରକାଶ କରିବାରେ ସମର୍ଥ ହୋଇଆସିଛି ।

## ଡାଣ୍ଟା ନୃତ୍ୟ -

ଏହି ନୃତ୍ୟ ଆଦିବାସୀ ସାନ୍ତାଳ ସମାଜରେ ବହୁ ପ୍ରାଚୀନ କାଳରୁ ରହି ଆସିଅଛି । ନୃତ୍ୟ ଓ ବିଷୟବସ୍ତୁ ଭେଦରେ ଏହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ ଯଥା- (କ) ହାଲାମ୍ ଡାଣ୍ଟା (ବୁଢ଼ା ଡାଣ୍ଟା), (ଖ) ଘାବୁଲ୍ ଡାଣ୍ଟା (ନିର୍ଦ୍ଦିଷ୍ଟ ତାଳ ଉପରେ ଆଧାରିତ ଡାଣ୍ଟା) ଏବଂ (ଗ) ରାମାୟାଣ ଡାଣ୍ଟା (ରାମାୟଣ ବିଷୟବସ୍ତୁ ଉପରେ ଆଧାରିତ ଡାଣ୍ଟା) । ଏହି ନୃତ୍ୟ ସାନ୍ତାଳ ସମାଜର ହୋଇଥିଲେ ହେଁ ତାହା ଉତ୍ତର ଓଡ଼ିଶାର ଜନସାଧାରଣ ତଥା ସମଗ୍ର ମାନବ ସମାଜ ସକାଶେ ସନ୍ଦେଶ ପ୍ରଦାନ କରେ ।

## (କ) ହାଲାମ୍ ଡାଣ୍ଟା (ବୁଢ଼ା ଦାଣ୍ଟା) -

ବୁଢ଼ା ଡାଣ୍ଟା ଅର୍ଥ ଏଥିରେ କେବଳ ବୁଢ଼ାମାନେ ଅଂଶଗ୍ରହଣ କରନ୍ତି ତାହା ନୁହେଁ ବରଂ ଏହି ଡାଣ୍ଟାରେ ଯେଉଁ ବିଷୟବସ୍ତୁ ପରିବେଷଣ କରାଯାଏ ତାହା ପୂର୍ବପୁରୁଷଙ୍କ ଜୀବନଧାରାକୁ କେନ୍ଦ୍ରକରି ହିଁ କରାଯାଇଥାଏ । ଏହି ନୃତ୍ୟ ମାଧ୍ୟମରେ ସାନ୍ତାଳମାନଙ୍କ ପୂର୍ବପୁରୁଷ ତଥା ସମଗ୍ର ମାନବସମାଜର ପୂର୍ବସୂରୀମାନେ କିପରି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ ତାହା ଅଙ୍ଗଭଙ୍ଗୀ ମାଧ୍ୟମରେ ଦର୍ଶାଇ ଦିଆଯାଇଥାଏ । ପ୍ରଥମେ ସେମାନେ କ'ଣ କ'ଣ ଚାଷ କରିଥିଲେ ତାହା ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଦେଖାଇ ଦିଆଯାଇଥାଏ । ସେମାନେ ଜଙ୍ଗଲକୁ କାଟି କିପରି ପୋଡୁଚାଷ କରିଛନ୍ତି । ଏଥିରେ ପ୍ରଥମେ ସେମାନେ କିଛି ତୃଣ ଜାତୀୟ ଶସ୍ୟ ଯଥା - ଇଳି, ଗୁନ୍ଦ୍ଲି, ଜାନହେ (କଦ) ଏବଂ ଧାନ ଚାଷ କରିଥିବା କଥା ଦର୍ଶା ଯାଇଥାଏ । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ମକା ଓ ଝୁଡ଼ଙ୍ଗ ଚାଷ କରିଥିବା କଥା କୁହାଯାଇଅଛି । ଏହାପରେ ସେମାନେ ଡାଲି ଜାତୀୟ ଶସ୍ୟ ରାମ୍ଭଲା (ବିରି) ଚାଷ କରିଥିବା କଥା ନୃତ୍ୟ ଓ ଗୀତ ମାଧ୍ୟମରେ ଦର୍ଶାଇ ଦିଆଯାଇଥାଏ । ଏହି ସନ୍ଦେଶ ବାସ୍ତବରେ କେବଳ କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଗ ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ ବରଂ କୁହାଯାଇପାରେ ଏହା ଉତ୍ତର ଓଡ଼ିଶାରେ ଲୋକସଂସ୍କୃତିର ଏକ ଅଂଶବିଶେଷ ହୋଇଥିଲେ ହେଁ ସମଗ୍ର ଜନଜୀବନକୁ ପ୍ରଭାବିତ କରିବାରେ ଯଥେଷ୍ଟ ଶକ୍ତି ଓ ସାମର୍ଥ୍ୟର ଅପେକ୍ଷା ରଖେ ।

## (ଖ) ଘାବୁଲ୍ ଡାଣ୍ଟା -

ଏହା ଏକ ତାଳ ପ୍ରଧାନ ନୃତ୍ୟ । ଏଥିରେ ବହୁ ସଂଖ୍ୟକ ପୁରୁଷ ଦୁଇଧାଡ଼ିରେ ନୃତ୍ୟ କରିଥାନ୍ତି । ଏପରି କି ଏକା ଥରକେ ଶତାଧିକ ଲୋକ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାର ଦେଖାଯାଏ । ଏହି ନୃତ୍ୟରେ ସେମାନେ ସମତାଳରେ ନୃତ୍ୟ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । କିନ୍ତୁ ସେମାନଙ୍କ ନୃତ୍ୟରେ ସେମିତି କୌଣସି ବିଷୟବସ୍ତୁର ଭାବ ଠିକ୍ ଭାବେ ପ୍ରକଟିତ ହୋଇନଥାଏ । ଏହି ନୃତ୍ୟର ସନ୍ଦେଶ ଭାବେ କେବଳ ବୀରତ୍ୱର ଭାବକୁ ଗ୍ରହଣ କରାଯାଇ ପାରେ ।

## (ଗ) ରାମାୟଣ ଡାଣ୍ଟା -

ଏହି ଡାଣ୍ଟାରେ ରାମାୟଣର ବିଷୟବସ୍ତୁ ପ୍ରକଟିତ ହୋଇ ଉଠିଥାଏ । ନୃତ୍ୟଟିକୁ ଅନୁଧ୍ୟାନ କଲେ ଦେଖାଯାଇଥାଏ ଯେ ଏଥିରେ ତାଳ ସହିତ ଭାବ ଉପରେ ସମ ପରିମାଣରେ ଗୁରୁତ୍ୱାରୋପ କରାଯାଇଅଛି । ତେଣୁ ଅନେକାଂଶରେ ଏହା ଛଉନୃତ୍ୟ ପରି ଜଣାଯାଇଥାଏ । ଏହି ଡାଣ୍ଟାରେ ଆବଶ୍ୟକସ୍ଥଳେ ମୁଖାର ବ୍ୟବହାର କରାଯାଇଥାଏ, ନୃତ୍ୟଟିକୁ ଅଧିକ ଜୀବନ୍ତ କରିବା ପାଇଁ / ପ୍ରଭୁ ରାମଚନ୍ଦ୍ରଙ୍କ ଆଦର୍ଶ ଓ ମହାନତାର ପ୍ରଚାର ଓ ପ୍ରସାର ହିଁ ଏହି ନୃତ୍ୟର ସନ୍ଦେଶ ଭାବେ ଗ୍ରହଣ କରାଯାଇ ପାରେ ।

ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ଘାବୁଲ୍ ଡାଣ୍ଟା ଓ ରାମାୟଣ ଡାଣ୍ଟା ପରିବେଷଣ କରାଯିବା ଅବସରରେ ସାନ୍ତାଳୀ ଭାଷାରେ ରାମାୟଣକୁ ହିଁ ସଙ୍ଗୀତ ଆକାରରେ ବୋଲାଯିବାର ପରମ୍ପରା ରହିଛି । ପ୍ରଥମତଃ ସଙ୍ଗୀତ ଗାନ କରାଯିବା ପରେ ନୃତ୍ୟର ଶୁଭାରମ୍ଭ ହୋଇଥାଏ ।

## ସଙ୍ଗୀତ -

ସଂସ୍କୃତି କ୍ଷେତ୍ରରେ ସଙ୍ଗୀତର ମଧ୍ୟ ସ୍ୱତନ୍ତ୍ର ସ୍ଥାନ ରହିଥିବା କଥାକୁ ଅସ୍ୱୀକାର କରାଯାଇନପାରେ । ପୁଣି ଏହି ସଙ୍ଗୀତ ଆଦିବାସୀ ତଥା ସାନ୍ତାଳ ସଂସ୍କୃତିରେ ଏକ ବଳିଷ୍ଠ ଭୂମିକା ନିର୍ବାହ କରିଥାଏ । ଯାହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉତ୍ତର ଓଡ଼ିଶାର ଲୋକସଂସ୍କୃତିକୁ ପ୍ରଭାବିତ କରି ଆସିଅଛି । ଏହି ପ୍ରସଙ୍ଗରେ ଉଦାହରଣ ସ୍ୱରୂପ ନିମ୍ନ ପ୍ରଦତ୍ତ ଗୀତମାନ ଆଲୋଚନା କରାଯାଇପାରେ -

ଉତ୍ତର ଓଡ଼ିଶା ମୁଖ୍ୟତଃ ଏକ ଗ୍ରାମ ପ୍ରଧାନ ଅଂଚଳ । ଏହି ଅଂଚଳରେ ସେମିତି ବଡ଼ ଧରଣର ସହର ନଥିଲା । ଏବେ କିନ୍ତୁ ଏହି ଅଂଚଳରେ ମଧ୍ୟ ଧୀରେ ଧୀରେ କେତେଗୁଡ଼ିଏ ସହରମାନ ମୁଣ୍ଡ ଟେକି ଉଠିଲାଣି । ସେହିପରି ମଧ୍ୟ ସମୟର ପରିବର୍ତ୍ତନ ସହିତ ଏହି ଅଂଚଳର ଲୋକମାନେ ଶିକ୍ଷା ଲାଭ କରି ସହର ବଜାରମାନଙ୍କରେ କର୍ମ ସଂସ୍ଥାନ କରି ନୂତନ ଭାବେ ଗଢ଼ି ଉଠିଥିବା ସହରମାନଙ୍କରେ ବସବାସ କରିବାକୁ ଆରମ୍ଭ କରିଛନ୍ତି । ନୂତନ ଭାବେ ସହରୀ ସମାଜରେ ନିଜକୁ ସାମିଲ କରିଥିବା ଗ୍ରାମୀଣ ମଣିଷ ପକ୍ଷେ କେତେକ ସମସ୍ୟାମାନ ଆସିବା ସ୍ୱାଭାବିକ । ଏହାକୁ ନେଇ ସାନ୍ତାଳୀ ଲୋକ କବି ଗାଇ ଉଠିଛନ୍ତି -

ରାୟ୍‌ରମପୁର ଗାଲବାଜାର୍
ପେ ତାଲା ଦଲାନ୍
ଇଞ୍ଜ ମିନାଞ୍ଜ ତାଲାରେ
ଧାଡ଼ି ଦାଲାରେ ।୨।

ଓଡ଼ିଆ ରୂପାନ୍ତର -
ରାଇରଙ୍ଗପୁର ଗାଲବାଜାର
ତିନି ତାଲା ଦଲାନ୍
ମୁଁ ରହିଛି ମଝିରେ
ବହୁ ସମସ୍ୟାରେ ।

ବାସ୍ତବରେ ପ୍ରତ୍ୟେକ ଗ୍ରାମୀଣ ଜନତା ଯେଉଁମାନେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ କାରଣବଶତଃ ସହରର ବାସିନ୍ଦା ହୁଅନ୍ତି, ସେମାନେ ଊଣା ଅଧିକେ ଏହି ଧରଣର ସମସ୍ୟାର ନିଶ୍ଚୟ ସମ୍ମୁଖିନ ହୋଇଥିବେ । କାରଣ ସହରରେ ପ୍ରାକୃତିକତା ପରିବର୍ତ୍ତେ କୃତ୍ରିମତା ହିଁ ବିରାଜମାନ କରୁଥାଏ । ଯାହା ସାଧାରଣ ଲୋକଟିଏ ସକାଶେ ଏକ ସମସ୍ୟା ରୂପରେ ଉଭା ହୋଇଯାଇଥାଏ ।

ସେହିପରି ଉତ୍ତର ଓଡ଼ିଶାର ଜନସମାଜରେ ମଧ୍ୟ ଅନ୍ୟ ଅଂଚଳମାନଙ୍କ ପରି ବେକାରୀ ସମସ୍ୟା ଆସି ପ୍ରବେଶ କଲାଣି । କାରଣ ବର୍ତ୍ତମାନର ଯୁବପୀଢ଼ି କୃଷି କ୍ଷେତ୍ରକୁ ଯିବା ସକାଶେ ଅମଙ୍ଗ ହେଲେଣି । ଅନେକ ମଧ୍ୟ ବିଦ୍ୟାଧ୍ୟୟନ ସମାପନ କରିବା ପରେ ଚାକିରି ଖଣ୍ଡେ ନ ପାଇଲେ । ନିଜ ଭାଗ୍ୟକୁ ନିନ୍ଦି 'କିଂ କର୍ତ୍ତବ୍ୟ ବିମୁଢ଼ଂ' ଅବସ୍ଥାରେ ଦଣ୍ଡାୟମାନ ହେଉଛନ୍ତି । ସେମାନଙ୍କ ଉଦ୍ଦେଶ୍ୟରେ ସାନ୍ତାଳୀ ଲୋକକବି ଗାଆନ୍ତି -

ବୁରୁ ତାଲାରେ
ହେସେଲ ଗାଜାଲରେ
ଜହା ଚାପୁକାତେ କାବୁ ଚାଃ ଏମ୍ ରାଗେଦ୍ ।
ନାହେଲବାବୁ ବେନାଓ୍ୱ ମେ
ହାସାରେ ସିମେ
ତେବେ ଏନାଂବାବୁ ଦାକା ଆମଃ ।

ଓଡ଼ିଆ ରୂପାନ୍ତର -
ଜଙ୍ଗଲ ଭିତରେ
ଧଉଳା ବଣରେ
ଗାଲରେ ହାତ ଦେଇ କାହିଁ ପାଇଁ କାନ୍ଦୁ ବାବୁରେ
ଲଙ୍ଗଳବାବୁ ତିଆରି କରିବୁରେ
ମାଟିରେ ଚଷିବୁରେ
ତେବେ ତୁ ଭାତ ପାଇବୁରେ ।

ଏହି ଧରଣର ସମସ୍ୟା ଆଜି ସମଗ୍ର ଭାରତବର୍ଷକୁ କବଳିତ କରି ଆସିଅଛି । ଅନେକ ସ୍ଥଳରେ ନୂତନ ଶିକ୍ଷିତ ଗୋଷ୍ଠୀ ଦିଶାହରା ହୋଇ ଗାଲରେ ହାତ ଦେଇ ଏକାନ୍ତରେ ବସିବାର ଦେଖାଯାଏ । ସେମାନଙ୍କ ଏହି ଜଟିଳ ସମସ୍ୟାର ସରଳ ସମାଧାନ କରିବା ସକାଶେ ଲୋକକବି ସେମାନଙ୍କୁ ଲଙ୍ଗଳ ତିଆରି କରି ଭୂମିକର୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ୍ ବେକାରୀ ସମସ୍ୟା ସମାଧାନର ପନ୍ଥା ସ୍ୱରୂପ କୃଷିକ୍ଷେତ୍ରକୁ ହିଁ ଗ୍ରହଣ କରିବା ସକାଶେ ଆହ୍ୱାନ ଜଣାଇଅଛନ୍ତି ।

ଏହି ପ୍ରକାରେ ଉତ୍ତର ଓଡ଼ିଶାର ସାଂସ୍କୃତିକ ଜୀବନଧାରାକୁ ଅନୁଧ୍ୟାନ କଲେ ପ୍ରତି ଛତ୍ରେ ଛତ୍ରେ ଆଦିବାସୀ ତଥା ସାନ୍ତାଳ ସଂସ୍କୃତିର ପ୍ରଭାବକୁ ଅନୁଭବ କରାଯାଇ ପାରେ । ବାସ୍ତବରେ ଉତ୍ତର ଓଡ଼ିଶାର ସଂସ୍କୃତି କହିଲେ ଉଭୟ ଆର୍ଯ୍ୟ ଓ ଅନାର୍ଯ୍ୟ (ଆଦିବାସୀ) ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ । ଏହା ଓଡ଼ିଆ ସଂସ୍କୃତିର ଏକ ଅଂଶବିଶେଷ ହୋଇଥିଲେ ମଧ୍ୟ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ଠିକ୍ ଭାରତୀୟ ସଂସ୍କୃତି ମଧ୍ୟରେ ଓଡ଼ିଆ ସଂସ୍କୃତି ପରି । ତେଣୁ ଉତ୍ତର ଓଡ଼ିଶାର ସଂସ୍କୃତିର ସ୍ୱତନ୍ତ୍ର ଧାରାକୁ ଅସ୍ୱୀକାର କରାଯାଇନପାରେ ଏହା ଚିରନ୍ତନ ଓ ଚିର ସବୁଜ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ,
ଜ୍ୟୋତିବିହାର, ବୁର୍ଲା-୭୬୦୦୧୯